# ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା- ୨୦୨୪-୨୫
# ଯାଜପୁର

**ତାରିଖ : ୧୧ ମାର୍ଚ୍ଚ, ୨୦୨୫   ସମୟ : ସକାଳ ୧୦ ଘଟିକା ଠାରୁ ଦିବା ୩ ଘଟିକା**

**ସ୍ଥାନ: ନରସିଂହ ଚଉଧୁରୀ (ସ୍ୱୟଂଶାସିତ) ମହାବିଦ୍ୟାଳୟ**

ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣଙ୍କ ତରଫରୁ ଜିଲ୍ଲା ପ୍ରଶାସନ, ଯାଜପୁର ଜିଲ୍ଲାରେ ଏକ ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା ଆସନ୍ତା ତା ୧୧-୦୩-୨୦୨୫ ରିଖ ସ୍ଥାନୀୟ ନରସିଂହ ଚଉଧୁରୀ (ସ୍ୱୟଂଶାସିତ) ମହାବିଦ୍ୟାଳୟ, ପରିସର, ଯାଜପୁର (N.C. (AUTONOMOUS) COLLEGE, JAJPUR) ଠାରେ ସକାଳ.୧୦.୦୦ଘଟିକା ଠାରୁ ଦିବା ୩.୦୦ଘଟିକା ପର୍ଯ୍ୟନ୍ତ ଆୟୋଜନ କରିବ । ଏହି ନିଯୁକ୍ତି ମେଳାରେ ବିଭିନ୍ନ ପ୍ରତିଷ୍ଠିତ ବେସରକାରୀ ସଂସ୍ଥାର ନିଯୁକ୍ତିଦାତା ମାନେ ଅଂଶ ଗ୍ରହଣକରି ପ୍ରତ୍ୟକ୍ଷ ନିଯୁକ୍ତି ପ୍ରଦାନ କରିବେ । ଯାଜପୁର ଜିଲ୍ଲାର ପ୍ରାଥୀ/ପ୍ରାର୍ଥିନୀ ମାନେ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ଇଚ୍ଛା ମୁତାବକ ନିଯୁକ୍ତି ପ୍ରଦାନକାରି ସଂସ୍ଥା ସହିତ ସାକ୍ଷାତକାର କରି ପ୍ରତ୍ୟକ୍ଷ ନିଯୁକ୍ତିର ସୁଯୋଗ ପାଇ ପାରିବେ । ଏହା ବ୍ୟତିତ ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣଙ୍କ ସହିତ ଅନୁବନ୍ଧିତ ଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥାର ଅଧିକାରୀ ମାନେ ମଧ ଏହି ନିଯୁକ୍ତି ମେଳାରେ ଅଂଶ ଗ୍ରହଣ କରି ନିଯୁକ୍ତ ଭିତ୍ତିକ ସ୍ୱଳ୍ପ ଅବଧିର ଦକ୍ଷତା ବିକାଶର ତାଲିମ ପ୍ରଦାନ କରିବେ । ଏହି ତାଲିମ୍ ସମ୍ପୂର୍ଣ୍ଣ ମାଗଣା ଅଟେ ଏବଂ ତାଲିମ ୍ ସମୟର ପ୍ରଶିକ୍ଷଣ, ରହିବା ଏବଂ ଖାଦ୍ୟପେୟ ବାବଦର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ । ଯେଉଁ ପ୍ରାର୍ଥୀ/ ପ୍ରାର୍ଥିନୀ ବିଶ୍ୱ ଦକ୍ଷତା କେନ୍ଦ୍ର, ଭୁବନେଶ୍ୱର, ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ, ଯାଜପୁର ଏବଂ ସରକାରୀ ବହୁମୂଖୀ ବୈଷୟିକ ଶିକ୍ଷାନୁଷ୍ଠାନ, ଯାଜପୁର ଠାରେ ଉପଲବ୍ଧ ଥିବା ବିଭିନ୍ନ ଡିପ୍ଲୋମା ପାଠ୍ୟକ୍ରମରେ ଆଡ୍‌ମିସନ୍ ପାଇଁ ଇଚ୍ଛୁକ ଥିବେ ସେମାନେ ମଧ ସୁଯୋଗ ପାଇପାରିବେ ।

ଯାଜପୁର ଜିଲ୍ଲାର ନିଯୁକ୍ତି ଆଶାୟୀ ସମସ୍ତ ପ୍ରାର୍ଥୀ/ ପ୍ରାର୍ଥିନୀ ମାନେ ଯେଉଁମାନଙ୍କ ବୟସ ୧୮ ବର୍ଷରୁ ୩୫ ବର୍ଷ ମଧରେ ହୋଇଥିବ ଏବଂ ଶିକ୍ଷାଗତ ଯୋଗ୍ୟତା ୫ମ ଶ୍ରେଣୀ ପାସ୍ ଠାରୁ ସ୍ନାତକ ପାସ୍ ଏବଂ ଆଇ. ଟି.ଆଇ ଓ ଡିପ୍ଲୋମା ପାସ୍ କରିଥିବେ ସେମାନେ ଏହି ନିଯୁକ୍ତି ମେଳାର ସୁଯୋଗ ନେବା ପାଇଁ ଅନୁରୋଧ କରାଯାଉଅଛି । ପ୍ରାର୍ଥୀ/ ପ୍ରାର୍ଥିନୀ ମାନେ ସେମାନଙ୍କ ସମସ୍ତ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ ପତ୍ର, ଆଧାର କାର୍ଡ ଏବଂ ଛଅଗୋଟି ପାସପୋର୍ଟ ଫଟୋ ସହିତ ଏହି ନିଯୁକ୍ତି ମେଳାରେ ଅଂଶ ଗ୍ରହଣ କରିବାକୁ ଅନୁରୋଧ କରାଯାଉଅଛି ।

ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ
ଯାଜପୁର

ଜିଲ୍ଲାପାଳ, ଯାଜପୁର

Skill Development
and Technical Education

Skilled in ODISHA

# ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ୨୦୨୪-୨୫

# DISTRICT LEVEL JOB FAIR

## JAJPUR

**ସ୍ଥାନ- ନରସିଂହ ଚୌଧୁରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ**
**(N.C. Autonomous College, Jajpur)**
**ତାରିଖ- ୧୧ ମାର୍ଚ୍ଚ ୨୦୨୫ (ମଙ୍ଗଳବାର),**
**ସମୟ- ସକାଳ ୧୦ ଘଟିକା ଠାରୁ ଦିବା ୩ ଘଟିକା**

ଏହି ନିଯୁକ୍ତ ମେଳାରେ ପ୍ରତିଷ୍ଠିତ ସଂସ୍ଥାର ନିଯୁକ୍ତିଦାତା ମାନେ ବିଭିନ୍ନ ପଦବି ପାଇଁ ପ୍ରତ୍ୟକ୍ଷ ନିଯୁକ୍ତି ପ୍ରଦାନ କରିବେ ଏବଂ ଦକ୍ଷତା ବିକାଶ ତାଲିମ୍ ପ୍ରଦାନକାରି ସଂସ୍ଥାମାନେ ସଂପୂର୍ଣ୍ଣ ମାଗଣାରେ ନିଯୁକ୍ତି ଭିତ୍ତିକ ସ୍ୱଳ୍ପ ଅବଧିର ଦକ୍ଷତା ବିକାଶ ତାଲିମ୍ ପ୍ରଦାନ କରିବେ ।

ପ୍ରାର୍ଥୀ/ପ୍ରାର୍ଥିନୀ ମାନଙ୍କ ବୟସ :- ୧୮ ରୁ ୩୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ ।

ଶିକ୍ଷାଗତ ଯୋଗ୍ୟତା :- ୫ମ ଠାରୁ ସ୍ନାତକ, ଆଇ.ଟି.ଆଇ. ଓ ଡିପ୍ଲୋମା ପାସ୍ ହୋଇଥିବା ଆବଶ୍ୟକ ।

ନିଯୁକ୍ତି ଆଶାୟୀ ପ୍ରାର୍ଥୀ/ପ୍ରାର୍ଥିନୀ ମାନେ ସେମାନଙ୍କ ସମସ୍ତ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ ପତ୍ର, ଆଧାର କାର୍ଡ଼ ଏବଂ ପାସ୍‌ପୋର୍ଟ ଫଟୋ ସହିତ ଏହି ନିଯୁକ୍ତି ମେଳାରେ ଯୋଗ ଦେବାକୁ ଅନୁରୋଧ ।

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ, ଓଡ଼ିଶା ସରକାର**

Skill Development and Technical Education

# ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ୨୦୨୪-୨୫

Skilled in ODISHA

# DISTRICT LEVEL JOB FAIR

## JAJPUR

ସ୍ଥାନ- ନରସିଂହ ଚୌଧୁରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ
(N.C. Autonomous College, Jajpur)
ତାରିଖ- ୧୧ ମାର୍ଚ୍ଚ ୨୦୨୫ (ମଙ୍ଗଳବାର),
ସମୟ- ସକାଳ ୧୦ ଘଟିକା ଠାରୁ ଦିବା ୩ ଘଟିକା






ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣଙ୍କ ତରଫରୁ ଜିଲ୍ଲା ପ୍ରଶାସନ, ଯାଜପୁର ଦ୍ୱାରା ଆୟୋଜିତ

ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ, ଓଡ଼ିଶା ସରକାର